# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 August – 2026

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ସଂଶୋଧନ ବିଲ୍-୨୦୨୬ ଉପରେ ଜାରି ରହିଛି ଆଲୋଚନା

- ଆଜିଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି

– ସନ୍ଧ୍ୟାରେ କଟକସ୍ଥିତ ଜଗତଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନୀ ଉତ୍ସବରେ ହେବେ ସାମିଲ

- ପୁରୀ ରଥଯାତ୍ରାକୁ ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

- ବନ୍ୟାରେ ୨୨ଟି ଜିଲ୍ଲା ପ୍ରଭାବିତ; ସମ୍ପୂର୍ଣ୍ଣ ଘର ଭାଙ୍ଗିବା କ୍ଷେତ୍ରରେ ୧ ଲକ୍ଷ ୨୦ ହଜାର ଟଙ୍କା କ୍ଷତିପୂରଣ ଦେବେ ସରକାର

ଏବଂ

- ଅଙ୍ଗଦାନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଜାତୀୟ ଅଙ୍ଗଦାନ ଦିବସ

# ଏଲ୍‌ଏସ୍‌-ଆର୍‌ଏସ୍‌-ଆଡଜର୍ଣ୍ଣଡ

ବିଭିନ୍ନ ପ୍ରସଙ୍ଗକୁ ନେଇ ଆଜି ସଂସଦରେ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ।

ରାଜ୍ୟସଭାରେ ଆଜି ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସଫଳତା ହାସଲ କରିଥିବା ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବର୍ତ୍ତମାନ ରାଜ୍ୟସଭାରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ ସଂଶୋଧନ ବିଲ୍‌–୨୦୨୬ ଉପରେ ଆଲୋଚନା ଜାରି ରହିଛି ।

ପ୍ରଥମ ମୁଲତବୀ ପରେ ଲୋକସଭାରେ ଷ୍ଟାଟିଟିସ୍ଟିକ୍‌ସ୍‌ ଓ ଯୋଜନା କାର୍ଯ୍ୟାନ୍ୱୟନ ମନ୍ତ୍ରୀ ରାଓ ଇନ୍ଦ୍ରଜିତ୍‌ ସିଂହ ଷ୍ଟାଟିଷ୍ଟିକାଲ ଇନ୍‌ଷ୍ଟିଚ୍ୟୁଟ୍‌ ବିଲ୍‌ ଆଗତ କରିଥିଲେ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୃହରେ ବ୍ୟାଙ୍କର୍ସ ବୁକ୍‌ସ ଏଭିଡେନ୍ସ ବିଲ୍‌ ୨୦୨୬ ଆଗତ କରିଥିଲେ । ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ପାଇଁ ଗୃହ କାର୍ଯ୍ୟକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ପରିସ୍ଥିତିରେ ସୁଧାର ନଆସିବାରୁ ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଛି ।

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସୁଛନ୍ତି। କଟକ ମୁଣ୍ଡଳି ନିକଟବର୍ତ୍ତୀ ଜଗତଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନୀ ଉତ୍ସବରେ ଆଜି ସନ୍ଧ୍ୟାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଆସନ୍ତାକାଲି ରାଷ୍ଟ୍ରପତି ଭୁବନେଶ୍ୱରରୁ ପୂର୍ବାହ୍ନରେ ବ୍ରହ୍ମପୁର ପର୍ଯ୍ୟନ୍ତ ଟ୍ରେନ୍‌ରେ ଯାତ୍ରା କରିବେ ଏବଂ ବ୍ରହ୍ମପୁର ତପ୍ତପାଣିଠାରେ ମା' କନ୍ଧୁଣିଦେବୀ ମନ୍ଦିର ଓ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରସ୍ତୁତି ସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ପ୍ରତିକ୍ରିୟାରେ କହିଛନ୍ତି...

**- V/O -**

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତିଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ମିଳିଛି। ଗସ୍ତ ପୂର୍ବରୁ ରାଷ୍ଟ୍ରପତି ଆଜି ନୂଆଦିଲ୍ଲୀଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏକ ପ୍ରତିମୂର୍ତ୍ତିର ଉନ୍ମୋଚନ କରିଛନ୍ତି। ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ପୁରୋଧା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୦୩ ମସିହାରେ ଉତ୍କଳ

ସମ୍ମିଳନୀରେ ସକ୍ରିୟ ଭୂମିକା ଗ୍ରହଣ କରିବା ସହିତ ୧୯୦୯ ମସହାରେ ପୁରୀର ସତ୍ୟବାଦୀଠାରେ ବକୁଳ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେ ମଧ୍ୟ ଅଗ୍ରଣୀ ଦୈନିକ ଖବରକାଗଜ 'ସମାଜ'ର ପ୍ରତିଷ୍ଠାତା ଥିଲେ।

Desk

## ୟୁନେସ୍କୋ–ପୁରୀ ରଥଯାତ୍ରା

ପୁରୀ ରଥଯାତ୍ରାକୁ ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ କରିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରଥଯାତ୍ରା ବିଶ୍ୱ ଭ୍ରାତୃତ୍ୱ ଓ ମାନବୀୟ ମୂଲ୍ୟବୋଧର ବାର୍ତ୍ତା ଦେଇଥାଏ। ଏହା କେବଳ ଏକ ଉତ୍ସବ ନୁହେଁ' ଏକ କାଳଜୟୀ ସଭ୍ୟତା, ପରମ୍ପରା, ସାଂସ୍କୃତିକ ବିବିଧତା, ଆଧ୍ୟାତ୍ମିକତା ଓ ସାମୁଦାୟିକ ଅଂଶଗ୍ରହଣକୁ ପ୍ରତିଫଳିତ କରିଥାଏ। ଶ୍ରୀକ୍ଷେତ୍ର ପୁରୀ' ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ସହ ଭାରତର ଜୀବନ୍ତ ଐତିହ୍ୟର ଏକ ସ୍ଥାୟୀ ପ୍ରତୀକ ଭାବେ ଦଣ୍ଡାୟମାନ ହୋଇଛି। ରଥଯାତ୍ରାକୁ ୟୁନେସ୍କୋ ତାଲିକାରେ ସାମିଲ ପରେ ବିଶ୍ୱସ୍ତରରେ ଏହାର ଗୁରୁତ୍ୱ ବଢ଼ିବ। ଏହି ସ୍ୱୀକୃତି ଭବିଷ୍ୟତ ପିଢ଼ିଙ୍କ ପାଇଁ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ଓ ପ୍ରୋତ୍ସାହନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସଂସ୍କୃତି ମନ୍ତ୍ରଣାଳୟ ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ଦସ୍ତାବିଜ ଦାଖଲ କରାଯାଇଛି।

Desk

# ବନ୍ୟା ପରବର୍ତ୍ତୀ ପଦକ୍ଷେପ

ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସିବା ପରେ କ୍ଷୟକ୍ଷତି ଆକଳନ ଆରମ୍ଭ ହୋଇଛି। ଭୁବନେଶ୍ୱରଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବନ୍ୟା ଦ୍ୱାରା ମୋଟ ୨୨ଟି ଜିଲ୍ଲାର ୮୫ଟି ବ୍ଲକ ଓ ୧୪ ଶହ ୫୮ଟି ଗାଁର ୮ ଲକ୍ଷ ୬୩ ହଜାର ୯୦୯ ଜଣ ପ୍ରଭାବିତ ହୋଇଛନ୍ତି। ସମ୍ପୂର୍ଣ୍ଣ ପାଣି ନିଷ୍କାସନ ହୋଇଥିବା ସ୍ଥାନରେ କୃଷି ଓ ରାଜସ୍ୱ ବିଭାଗ କର୍ମଚାରୀ କ୍ଷୟକ୍ଷତି ଆକଳନରେ ନିୟୋଜିତ ରହିଛନ୍ତି। ସମ୍ପୂର୍ଣ୍ଣ ଘର ଭାଙ୍ଗିଥିଲେ ୧ ଲକ୍ଷ ୨୦ ହଜାର ଟଙ୍କା କ୍ଷତିପୂରଣ ଓ ମାଟିଘର ଆଂଶିକ ଭାଙ୍ଗିବା କ୍ଷେତ୍ରରେ ୪ ହଜାର ଓ କୁଡ଼ିଆ ଘର ଭାଙ୍ଗିଥିଲେ ୮ ହଜାର ଟଙ୍କା ମିଳିବ। ଫସଲହାନୀ ପାଇଁ ହେକ୍ଟର ପିଛା ୮ ହଜାର ୫୦୦ ଟଙ୍କା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

**- V/O -**

ନଦୀବନ୍ଧ ଗୁଡ଼ିକର ସ୍ଥିତି ଏବଂ ଏହାର ପୁନରୁଦ୍ଧାର ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯାଉଛି । ଜଳସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିବା ସହ କାର୍ଯ୍ୟାରମ୍ଭ କରୁଛନ୍ତି । ଏଥିସହ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ପ୍ରମୁଖ

ନଦୀବନ୍ଧ, ଜଳଭଣ୍ଡାର, ଜଳସେଚନ ସଂରଚନା ଉପରେ ନଜର ରଖାଯାଇଛି । କ୍ଷୟକ୍ଷତି ସ୍ଥାନରେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ବନ୍ୟାରେ ୯୬ ଜଣଙ୍କୁ ସାପ କାମୁଡ଼ି ଥିଲେ ମଧ କାହାରି ମୃତ୍ୟୁ ହୋଇନାହିଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ବସନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ବନ୍ୟା ସମୟରେ ୪୮୧ ଜଣ ଗର୍ଭବତୀଙ୍କୁ ସ୍ଥାନାନ୍ତର ସହ ୩୩୨ ଜଣଙ୍କ ପ୍ରସବ ହୋଇଛି। ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକର ବିଭିନ୍ନ ଗାଁରେ ମହାନଦୀ ପାଣି ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ପ୍ରଭାବିତ ଜନସାଧାରଣଙ୍କୁ ସୁରକ୍ଷାସ୍ଥଳିକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ରାଜ୍ୟରେ ଆଜିଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୨୦ ଦଶମିକ ୭/୭ ଫୁଟ ରହିଛି। ଜଳଭଣ୍ଡାର ମଧକୁ ୧ ଲକ୍ଷ ୧୦ ହଜାର ୨୦୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୭ଟି ଗେଟ୍ ଦେଇ ୩ ଲକ୍ଷ ୩ ହଜାର ୫୧୯ ଘନଫୁଟ ଜଳ ନିଷ୍କାସିତ ହେଉଛି।

# ଜାତୀୟ ଅଙ୍ଗଦାନ ଦିବସ

ଅଙ୍ଗଦାନର ଗୁରୁତ୍ୱ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଉଛି । ଦେଶର ପ୍ରଥମ ସଫଳ ହୃଦ୍ ପ୍ରତିରୋପଣର ସ୍ମାରକୀ ସ୍ୱରୂପ ପ୍ରତିବର୍ଷ ଅଗଷ୍ଟ ମାସ ୩ ତାରିଖକୁ ଜାତୀୟ ଅଙ୍ଗଦାନ ଦିବସ ଭାବେ ପାଳନ କରାଯାଇଆସୁଛି ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା

ଆଜି ଅଙ୍ଗଦାନ ଦିବସ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ଷୋଡଶ ଭାରତୀୟ ଅଙ୍ଗଦାନ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଅଙ୍ଗଦାନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଛନ୍ତି। ସୁଶ୍ରୀ ପଟେଲ କହିଛନ୍ତି, ଅଙ୍ଗଦାନ ଲାଗି ୨୦୨୩ ମସିହା ଠାରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଡିଜିଟାଲ ପୋର୍ଟାଲରେ ଏପର୍ଯ୍ୟନ୍ତ ୫ ଲକ୍ଷରୁ ଅଧିକ ଆଧାର ପ୍ରାମାଣିକରଣ ଅଙ୍ଗଦାନ ଲାଗି ଶପଥପତ୍ର ପଞ୍ଜିକୃତ ହୋଇଛି ।

ମନ୍ତ୍ରୀ କହିଛନ୍ତି ଆମେରିକା ଏବଂ ଚୀନ୍ ପରେ ଭାରତ ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି । ଜାତୀୟ ଅଙ୍ଗ ପ୍ରତିରୋପଣ କାର୍ଯ୍ୟକ୍ରମ ଅଧୀନରେ ସରକାର ଭିତ୍ତିଭୂମି ନିର୍ମାଣ ଏବଂ

ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ଏହି ଅବସରରେ 'ଜୁଗ୍ ଜୁଗ୍ ଜୀଓ' ଅଭିଯାନ ଏବଂ ଇ-ପ୍ରତିରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ।

ଅଙ୍ଗଦାନ କେବଳ ଏକ ଚିକିତ୍ସା ପ୍ରକ୍ରିୟା ନୁହେଁ ଏହା ମାନବିକତାର ସର୍ବୋଚ୍ଚ ଉଦାହରଣ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଜଣେ ମୃତ ଅଙ୍ଗଦାତା ଦୁଇଟି କିଡନୀ, ଦୁଇଟି ଫୁସ୍‌ଫୁସ୍, ଯକୃତ, ଅନ୍ତଃନଳୀ ଓ ଅଗ୍ନାଶୟ ଦାନ କରିପାରିବେ। ଯାହା ୮ଟି ଜୀବନ ବଞ୍ଚାଇପାରିବ। ଏଥିସହିତ କର୍ଣ୍ଣିଆ, ଆଖି, ଚର୍ମ, ହାଡ଼, ହୃତପିଣ୍ଡ, ଭଲଭ୍ ଆଦି କୋଷ ଦାନ କରାଯାଇ ଅନେକଙ୍କୁ ସୁସ୍ଥ ଜୀବନର ସୁଯୋଗ ପ୍ରଦାନ କରାଯାଇପାରିବ। ଅଙ୍ଗଦାନ ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ଓ ଆଇନ ସମ୍ମତ ପ୍ରକ୍ରିୟା। ଜୀବିତ ଅବସ୍ଥାରେ କେତେକ ଅଙ୍ଗଦାନ କରାଯାଉଥିବା ବେଳେ ମସ୍ତିଷ୍କ ପକ୍ଷାଘାତ କ୍ଷେତ୍ରରେ ପରିବାର ସମ୍ମତି ପରେ ଅଙ୍ଗଦାନ ସମ୍ଭବ ହୁଏ।

ଅଙ୍ଗଦାନ ମହତ୍ ଦାନ–ଜୀବନର ସବୁଠାରୁ ବଡ଼ ଉପହାର ହେଉଛି ଅନ୍ୟକୁ ଜୀବନ ଦେବା। ଆସନ୍ତୁ ଆଜିର ଦିନରେ ଅଙ୍ଗଦାନ କରି ଏକ ସୁସ୍ଥ, ସମ୍ବେଦନଶୀଳ ଓ ମାନବିକ ସମାଜ ଗଠନରେ ନିଜର ଅବଦାନ ରଖିବା।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Nuapada

## ଏସ୍.ଆଇ.ଆର୍

ଭୋଟର ତାଲିକା ପର୍ଯ୍ୟବେକ୍ଷକ ଏବଂ ପର୍ଯ୍ୟଟନ ବିଭାଗର କମିଶନର ତଥା ସଚିବ ବଲବନ୍ତ ସିଂହ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସି ସ୍ୱତନ୍ତ୍ର ସଘନ ସଂଶୋଧନ– ଏସ୍.ଆଇ.ଆର୍-୨୦୨୬ ଭୋଟର ତାଲିକା ପ୍ରକାଶ ପରବର୍ତ୍ତୀ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଯୋଗ୍ୟ ଭୋଟରଙ୍କ ନାମ ସାମିଲ ଏବଂ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ନେଇ ଶ୍ରୀ ସିଂହ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି।

Subarnpur/Boudh/Desk

## ଶ୍ରାବଣ ସୋମବାର

ଆଜି ଶ୍ରାବଣ ମାସର ପ୍ରଥମ ସୋମବାର। ଏହି ଅବସରରେ ରାଜ୍ୟର ଶୈବପୀଠ ଗୁଡ଼ିକରେ ଜଳାଭିଷେକ ନିମନ୍ତେ କାଉଡ଼ିଆମାନଙ୍କର ଭିଡ଼ ପରିଲକ୍ଷିତ ହୋଇଛି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ଭଦ୍ରକର ଆଖଣ୍ଡଳମଣି, ନୟାଗଡ଼ ଲଡ୍ଡୁବାବା ପୀଠ, ଢେଙ୍କାନାଳର କପିଳାସ ପୀଠ, କଟକର ବାବା ଧବଳେଶ୍ୱରଙ୍କ ପୀଠ, ପୁରୀ ଲୋକନାଥ ମନ୍ଦିର, ବାଲେଶ୍ୱରର ବାବା ପଞ୍ଚମହାଲିଙ୍ଗେଶ୍ୱର, କୋରାପୁଟର ଗୁପ୍ତେଶ୍ୱର, ଆଦି ପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ବୌଦ୍ଧ ଜିଲ୍ଲା ଗନ୍ଧରାଡ଼ି ପୀଠ ଯୁଗ୍ମ ମନ୍ଦିର ହର ଓ ହରି ସେଠାରେ ପୂଜା ପାଉଛନ୍ତି। ସେଠାରେ ଆଜି କାଉଡ଼ିଆମାନେ ଜଳାଭିଷେକ କରି ପୂଜାର୍ଚ୍ଚନା କରିଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲା ଅଷ୍ଟଶମ୍ଭୁ, ସୁବର୍ଣ୍ଣମେରୁ, ରାମେଶ୍ୱର ସମେତ ବିଭିନ୍ନ ଶୈବପୀଠରେ କାଉଡ଼ିଆ ଭକ୍ତ ବହୁସଂଖ୍ୟାରେ ସମାଗମ ହୋଇଛି।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତ୍ରିବନ୍ଧ ଭୁବନେଶ୍ୱର ମହାଦେବ ମନ୍ଦିର ପରିସରରେ ଶ୍ରାବଣ ସୋମବାରରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହେଉଛି।